## ଗ୍ୟାସ୍ ଲିକ୍‌ରୁ ଫାଷ୍ଟଫୁଡ୍ ଦୋକାନରେ ଅଗ୍ନିକାଣ୍ଡ



ବ୍ରହ୍ମପୁର ଅଫିସ,୧୨।୧: ଗୋଷାଣୀ ନୂଆଗାଁ ଛକ ନିକଟ ଏକ ଫାଷ୍ଟଫୁଡ୍ ଦୋକାନରେ ରବିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ସେଥିରେ ନିଆଁ ଲାଗି ସମସ୍ତ ଆସବାବପତ୍ର ଓ ରୋଷେଇ ସାମଗ୍ରୀ ଜଳିଯାଇଛି। ଏଥି ଯୋଗୁ ସିଲିଣ୍ଡର ବିସ୍ଫୋରଣ ଘଟି ଦୋକାନ ଟିଣ ଉଡିଯାଇଛି। ମାଲିକ ଜିତୁ ପାଢ଼ୀ ବର୍ତ୍ତି ଯାଇଛନ୍ତି। ଖବରପାଇ ଗୋଷାଣୀ ନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ନିଆଁ ଲିଭାଇଥିଲେ। ଦୋକାନରେ ଥିବା ଅନ୍ୟ ୨ ସିଲିଣ୍ଡର ବିସ୍ଫୋରଣ ହେବା ପୂର୍ବରୁ ବାହାରକୁ କାଢ଼ି ଦେଇଥିଲେ। ଏଥିରେ ପ୍ରାୟ ୫୦ ହଜାର ଟଙ୍କାର କ୍ଷତି ହୋଇଥିବା ମାଲିକ ଜିତୁ କହିଛନ୍ତି। ସେହିପରି ଫାଷ୍ଟଫୁଡ଼ ଦୋକାନକୁ ଲାଗି ରହିଥିବା ଅନ୍ୟ ଏକ ଦୋକାନରେ ମଧ ଆଂଶିକ କ୍ଷତି ହୋଇଛି।

# ବେଧଡ଼କ ଚାଲିଛି ଚୋରା ମଦ କାରବାର

**ଘାରିଛି ରାଜସ୍ୱ ଆଦାୟ ଚିନ୍ତା**

ବ୍ରହ୍ମପୁର ଅଫିସ,୧୨।୧

ବ୍ରହ୍ମପୁର ସହରରେ ଚୋରା ମଦ ବେପାରୀମାନେ ସେମାନଙ୍କ କାୟା ବିସ୍ତାର କରିବାରେ ଲାଗିଛନ୍ତି। ଏପଟେ ସରକାରଙ୍କୁ ରାଜସ୍ୱ ଆଦାୟ ଚିନ୍ତା ଘାରିଛି। ଏହାର ସୁଯୋଗ ନେଇ କେତେକ ଲାଇସେନ୍ସପ୍ରାପ୍ତ ଦୋକାନରେ ଅପମିଶ୍ରିତ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଅଣଦେଖା ଯୋଗୁ ବେଧଡକ ଅପ୍ରମିଶ୍ରିତ ଚୋରାମଦ କାରବାର ଚାଲିଛି। ଅତୀତରେ ବିଷାକ୍ତ ମଦପିଇ ଜିଲାରେ କେତେଜଣଙ୍କ ଜୀବନ ଯାଇଥିବା ନଜିର ରହିଛି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ସହରରେ ଏପରି ଘଟଣାର ପୁନରାବୃତ୍ତି ହେବା ସମ୍ଭାବନା ଦେଖାଦେଇଛି।

ବ୍ରହ୍ମପୁରର ଖୋଡାସିଂ, ଫାଷ୍ଟଗେଟ, ରେଡ଼ିଓ ଷ୍ଟେଶନଠାରୁ ଆରମ୍ଭ କରି ଗୋଷାଣୀନୂଆଗାଁ ସହର ଚାରିପଟେ ମାଲ ମାଲ ଦେଶୀ ଓ ବିଦେଶୀ ମଦ ଦୋକାନ ଖୋଲିଛି। ଏପରିକି ସ୍କୁଲ, କଲେଜ, ମନ୍ଦିର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟ କଡ଼ ଦୋକାନରେ ଖୁଲମଖୁଲା ମଦ ବିକ୍ରି ଚାଲିଛି। ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତକରି ବ୍ୟବସାୟୀମାନେ ଏହି ବେଆଇନ କାରବାର ଚଳାଇଛନ୍ତି। ସହରତଳି ଅଞ୍ଚଳରେ ରନ୍ଧାମଦ ପ୍ରସ୍ତୁତ ହେଉଛି। ସେହିପରି ବିଦେଶୀ ମଦରେ ବେଆଇନ ଭାବେ ବିଷାକ୍ତ ମିଥାଇଲ ସ୍ପିରିଟ ମିଶାଇ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଅବକାରୀ ଅଧୀକ୍ଷକ ରାମଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ, ଚୋରା ମଦ କାରବାର ଉପରେ କଡା ନଜର ରଖାଯାଇଛି। ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ ଚଢାଉ କରାଯାଇ ପୋଚ ନଷ୍ଟ ସହ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରାଯାଉଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ମଦ ବିକ୍ରିକୁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବିରୋଧ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ସାକାର କରିବାକୁ ହେଲେ ନିଶାମୁକ୍ତ ଓଡିଶା ଗଠନ ପାଇଁ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଗଞ୍ଜାମ ଜିଲା ଶାଖା ସଭାପତି ରାଧାଚରଣ ନାୟକ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୧୯୯୪ରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଅଞ୍ଚଳରେ ବିଷାକ୍ତ ମଦ ପିଇ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୦୫ରେ ନୂଆ ଗୋଳାବନ୍ଧରେ ୧୨ ଜଣ ଓ ୨୦୦୬ରେ ହୁମ୍ମା ଓ ରମ୍ଭା ଅଞ୍ଚଳରେ ୩୦ ଜଣଙ୍କର ମୃତ୍ୟୁ ଘଟିଥିଲା।

## ସାହିତ୍ୟ ବନ୍ଧୁ ମହୋତ୍ସବ




ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର ଅଫିସ୍, ୧୨।୧: ଦ୍ୱିଭାଷୀ ପତ୍ରିକା ଓଡ଼ିଶା ଫାଇଲ୍ସ ପକ୍ଷରୁ ସାହିତ୍ୟ ବନ୍ଧୁ ମହୋତ୍ସବ ରବିବାର ଗଞ୍ଜାମ କଳା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଗୌରୀଶଙ୍କର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ବକ୍ତା ଭାବେ ସୂଚନା ପାଢ଼ୀ ଯୋଗଦେଇ ଶିଶୁ ସାହିତ୍ୟ ଏବଂ ଶିଶୁ କବିତା ବିଷୟରେ ବର୍ଣ୍ଣନା କରିଥିଲେ। ଶିଶୁ ସାହିତ୍ୟ ଏବଂ କବିତା ଲେଖିବାର ଏକ ନୂତନ ଭଙ୍ଗୀ ରହିଛି। ମୁଖ୍ୟବକ୍ତା ଇଂ. ଯାମିନୀକାନ୍ତ ଦାସ ଶିଶୁସାହିତ୍ୟର ବିଭିନ୍ନ ଦିଗ ବିଷୟରେ ସୂଚନା ଦେଇଥିଲେ। ପତ୍ରିକା ପ୍ରତିଷ୍ଠାତା ସମ୍ପାଦକ ନରେଶ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ବାହାରର ୩୦ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସାହିତ୍ୟ ବନ୍ଧୁ ୨୦୧୯ ଭାବେ ଅନସୂୟା ପଣ୍ଡା, ନିରଞ୍ଜନ ତ୍ରିପାଠୀ, ବିଦୂଷୀ ଲୋପା ସାମଲ, ଦେବେନ୍ଦ୍ର କୁମାର ବାଉରୀ, ପୁଷ୍ପାଞ୍ଜଳି ପଟ୍ଟନାୟକ, ବନ୍ଦନା ମହାପାତ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜୟଶ୍ରୀ ଦାସ, ବିଶ୍ୱଭାରତୀ ଦାସ, ବନ୍ଦନା ମହାପାତ୍ର, ବିଶ୍ୱଭାରତୀ ଦାଶ, ସରିତା ପଣ୍ଡା, ନାରାୟଣ ଚନ୍ଦ୍ର ସେନାପତି, ମୈତ୍ରେୟୀ କମିଳା, ମୀନାକ୍ଷୀ ପାଢ଼ୀ, ଦେବଦତ୍ତ ମିଶ୍ର, ସୁଧାଞ୍ଜଳି ମିଶ୍ର, ପ୍ରଶାନ୍ତ କୁମାର ନାଥ ଓ ରୀତାରାଣୀ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱର୍ଣ୍ଣପ୍ରଭା ପାଢ଼ୀ ଓ ବିଦିଷା ପାତ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା।

## ଜାତୀୟ ଯୁବ ଦିବସ ପାଳିଲା ଜିଲା ଯୁବ ବିଜେଡି

ବ୍ରହ୍ମପୁର ଅଫିସ,୧୨।୧

ଗଞ୍ଜାମ ଜିଲା ଯୁବ ବିଜେଡି ପକ୍ଷରୁ ରବିବାର ବ୍ରହ୍ମପୁରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳିତ ହୋଇଥିଲା। ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ବିଜେଡି ଜିଲା ସଭାପତି ଏନ୍.ଧନଞ୍ଜୟ ରାଓ ଅଧକ୍ଷତା କରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦିବସ ପାଳନର ମହତ୍ତ୍ୱ ନେଇ କର୍ମୀଙ୍କୁ ସଚେତନ କରାଯାଇଥିଲା। ବିଜେଡି ଯୁବ କର୍ମୀମାନେ ନିଷ୍ଠାର ସହ ଜନସେବା କରିବାକୁ ସଭାପତି ରାଓ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଜଗଦୀଶ ସାବତ ସମ୍ୟକ୍ ସୂଚନା ଦେଇଥିଲେ। ପୂର୍ବାହ୍ନରେ ଶତାଧିକ ଯୁବ କର୍ମୀ ମେଡିକାଲରେ ସ୍ୱାମୀ ବିବେକାନନ୍ଦଙ୍କ ମହାନ ଆଦର୍ଶର ସ୍ମୃତିଚାରଣ କରିଥିଲେ।

ବିଜେଡି କାର୍ଯ୍ୟାଳୟରେ ହୋଇଥିବା ସଭାରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସମ୍ପାଦକ ଟି. ଗୋପୀ, ମହିଳା ବିଜେଡି ରାଜ୍ୟ ଉପସଭାନେତ୍ରୀ ମମତା ବିଶୋୟୀଙ୍କ ସମେତ ଶ୍ରୀକାନ୍ତ ସାବତ, ଜ୍ୟୋସ୍ନା ପାଢ଼ୀ, ଲକ୍ଷ୍ମୀପ୍ରିୟା ପାଢ଼ୀ, ଦିଲ୍ଲୀପ ପାତ୍ର, ନାରାୟଣ ମହାପାତ୍ର, ନିରଞ୍ଜନ ଜେନା, ଜେ. ଶ୍ରୀନୁ, ଭବାନୀ ଶଙ୍କର ଦଳାଇ, ସଞ୍ଜୟ ଜେନା, ଆର. ମୁରଲୀ, ମୁକୁନ୍ଦ ଗୌଡ଼, ନିରଞ୍ଜନ ଜେନା, ଛାତ୍ର ବିଜେଡି ଜିଲା ସଭାପତି ପ୍ରଶାନ୍ତ ପଣ୍ଡା, ତେଜେଶ୍ୱର ସ୍ୱାମୀ, ସୁକାନ୍ତ ପ୍ରଧାନ, ପ୍ରମୋଦ ମହାରଣା, ଅକ୍ଷୟ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି କାର୍ଯ୍ୟାଳୟରେ ଯୁବ ସମାବେଶ।

## ସିପିଆଇ ଗଞ୍ଜାମ ଜିଲା ସମ୍ମିଳନୀ

ବ୍ରହ୍ମପୁର ଅଫିସ,୧୨।୧: ଗଞ୍ଜାମ ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ସାଙ୍ଗଠନିକ ସମ୍ମିଳନୀ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ଧର୍ମ ନାମରେ ରାଜନୀତି, ଅଗଣତାନ୍ତ୍ରିକ ସିଏଏ (ନାଗରିକତ୍ୱ ସଂଶୋଧନ ଆଇନ), ଦରଦାମ, ରେଳଭଡ଼ା, ଗ୍ୟାସ, ଡିଜେଲ ଓ ପେଟ୍ରୋଲ ମୂଲ୍ୟବୃଦ୍ଧିକୁ ନିନ୍ଦା କରାଯାଇ ପ୍ରସ୍ତାବ ଗୃହୀତ ହୋଇଛି। ଏହା ବିରୋଧରେ ସିପିଆଇ ଆନ୍ଦୋଳନ ଜାରି ରଖିବାର ନିଷ୍ପତ୍ତି ନିଆଯାଇଛି। ଆଶିଷ କାନୁନ୍‌ଗୋ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସୁଧାଂଶୁ ପଣ୍ଡା ଓ ଅନ୍ୟମାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଦ୍ୱାରା ପରିଚାଳିତ ସମ୍ମିଳନୀରେ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଅଳକ ନାଥ ମିଶ୍ର, ଯୁବନେତା ପ୍ରଦୀପ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶାନ୍ତ ପାଇଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା।

## ନିଖିଳ ଓଡ଼ିଶା ପନ୍ଦରା ସମାଜ ବୈଠକ

ବ୍ରହ୍ମପୁର ଅଫିସ,୧୨।୧

ନିଖିଳ ଓଡ଼ିଶା ପନ୍ଦରା ସମାଜର ୧୫ତମ ସାଙ୍ଗଠନିକ ବୈଠକ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜ ରାଜ୍ୟ ସଭାପତି ଅମର କୁମାର ବେହେରା ଅଧକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ଚନ୍ଦ୍ରଶେଖର ବାଡ଼ତ୍ୟା, ନୟାଗଡ ଜିଲା ଉପସଭାପତି ବିଜୟ କୁମାର ବାଡ଼ତ୍ୟା, ଉପାଧ୍ୟକ୍ଷ କିଶୋର ହରି ବାଡତ୍ୟା, ଗଞ୍ଜାମ ଜିଲା ସଭାପତି ଡମ୍ବରୁଧର ବେହେରା, କୋଷାଧ୍ୟକ୍ଷ ଜଗବନ୍ଧୁ ବାଡତ୍ୟା, ଝାରସୁଗୁଡା ସଭାପତି ରଙ୍କମଣି ବାଡତ୍ୟା, ରାଉରକେଲା ସଭାପତି ବିଘ୍ନରାଜ ବାଡତ୍ୟା, ଗଜପତିର ଜାନକୀ ଚରଣ ବେହେରା, ରାୟଗଡ଼ାର ନିଶାମଣି ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ତାଲୁକା କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବୈଠକରେ ପନ୍ଦରା ଜାତି ଉନ୍ନତି ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିସହ ରାଜ୍ୟସ୍ତରୀୟ କର୍ମକର୍ତ୍ତା ନିର୍ବାଚନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ଶେଷରେ ଚିକିଟିର ନୀଳମଣି ବାଡ଼ତ୍ୟା ଧନ୍ୟବାଦ ଦେଇଥିଲେ।

# ଶିଳ୍ପାଞ୍ଚଳ କ୍ରିୟାନୁଷ୍ଠାନ କମିଟି ଗଠିତ



ଅଞ୍ଚଳବାସୀଙ୍କ ବୈଠକ ।

ବ୍ରହ୍ମପୁର ଅଫିସ,୧୨।୧: ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲଛକରୁ ଆଙ୍କୁଲି ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ରେଲୱେ ଓଭରବ୍ରିଜ ନିର୍ମାଣ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ପୁନର୍ବାର ଦାବି ହୋଇଛି। ଏହାର ପ୍ରତିବାଦରେ ଲଗାତର ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କୁ ନେଇ ଗଠିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଶିଳ୍ପାଞ୍ଚଳ ସକଳେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ମିଳିତ ବୈଠକରେ ୨୦୧୩ ରୁ ଚାଲିଥିବା ଓଭରବ୍ରିଜ ନିର୍ମାଣ ୬ ବର୍ଷ ବିତିବା ପରେ ବି ସରୁ ନ ଥିବାରୁ ପୂର୍ତ୍ତ ବିଭାଗର ଚରମ ଅବହେଳାକୁ ନିନ୍ଦା କରାଯାଇଛି। ଫଳରେ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଏମ୍‌ପି ଓ ବିଧାୟକ କର୍ଣ୍ଣପାତ କରୁ ନ ଥିବା ସମାଲୋଚନା କରାଯାଇଥିଲା। ବୈଠକରେ ଅଞ୍ଚଳର ବରିଷ୍ଠ ନାଗରିକ ଏ.ଟି. ପାତ୍ର ଅଧକ୍ଷତା କରିଥିବା ବେଳେ ପଞ୍ଚାନନ ଚୌଧୁରୀ, ଉମା ଚରଣ ନାୟକ, ଏଲ. ସୁଦାମ ଦାସ, ବସନ୍ତ ନନ୍ଦ, ବାବୁଲା ନାୟକ, ବଦ୍ରି ନାରାୟଣ ମିଶ୍ର, ଅଭିରାମ ପ୍ରଧାନ, ଶିବ ଶଙ୍କର ନାୟକ, ସୁନୀଲ ମଣ୍ଡଳ, ଦଣ୍ଡଧର ହୋତା, ସନ୍ତୋଷ ସାହୁ, କାର୍ତ୍ତିକ ମଣ୍ଡଳ ଓ ବାବୁଲା ପ୍ରଧାନ ପ୍ରମୁଖ ଦଳମତ ନିର୍ବିଶେଷରେ ଯୋଗ ଦେଇଥିଲେ। ଆନ୍ଦୋଳନ ପାଇଁ ୨୧ ଜଣଙ୍କୁ ନେଇ ଶିଳ୍ପାଞ୍ଚଳ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି।

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

# ପ୍ରଥମ ରଜନୀରେ 'ନିଃଶବ୍ଦ ଘୁଙ୍ଗୁର' ମଞ୍ଚସ୍ଥ



ନାଟକ 'ନିଃଶବ୍ଦ ଘୁଙ୍ଗୁର'ର ଦୃଶ୍ୟ।

ବ୍ରହ୍ମପୁର ଅଫିସ,୧୨।୧

ସ୍ଥାନୀୟ ହିଲପଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ରବିବାର ସନ୍ଧ୍ୟାରେ ପ୍ରଥମ ଜାତୀୟସ୍ତରୀୟ ଓ ୧୨ ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ଅନିଲ କୁମାର ପାତ୍ର ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଇଂ.ଜାମିନକାନ୍ତ ଦାଶ ଓ ସମିତି ଆବାହକ ଅଳି କିଶୋର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଡ. ମିହିର କାନ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏ ଜାତିର କଳା, ସଂସ୍କୃତି, ନାଟକ ଓ ନୃତ୍ୟକୁ ବଞ୍ଚାଇବା ପାଇଁ ଶିକ୍ଷକ ପୂର୍ଣ୍ଣ ଦାଶ ତାଙ୍କ ଝିଅ ସ୍ମିତା ପାଦରେ ଯେଉଁ ଘୁଙ୍ଗୁର ବାନ୍ଧି ଥିଲେ ସେ କଣ ସେହି ଘୁଙ୍ଗୁର ଖୋଲି ଫିଙ୍ଗି ଦେଇ ପାରିବେ। ଏମିତି ଏକ ହୃଦୟ ବିଦାରକ କାହାଣୀକୁ ନେଇ ସମୃଦ୍ଧ ନାଟକ ନିଃଶବ୍ଦଘୁଙ୍ଗୁର ରବିବାର ମଞ୍ଚସ୍ଥ ହୋଇଥିଲା। ଯେଉଁଥିରେ ନାରୀ ବିନା ସୃଷ୍ଟି, ସମାଜ, ସାହିତ୍ୟ ଓ ନାଟକ ଅସମ୍ପୂର୍ଣ୍ଣ। ଅଭିନେତ୍ରୀର ଜୀବନ୍ତ ଅଭିନୟ ଦର୍ଶକଙ୍କ ପାଇଁ ଉପଭୋଗ୍ୟ ହେଲେ ବି ସମାଜର ନାଲିଆଖି ଓ ଲକ୍ଷ୍ମଣରେଖାକୁ ସେ ମାନି ଚଳିବାକୁ ବାଧ ହୋଇଥାଏ। ନୃତ୍ୟାଙ୍ଗନା ବା ମଞ୍ଚ ଅଭିନେତ୍ରୀଙ୍କୁ ସମ୍ଭ୍ରାନ୍ତ ପରିବାର ବୋହୂ ଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରେ। ନାଟକଟି ପଞ୍ଚାନନ ଦାସ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ଦାଶ। ବିଭିନ୍ନ ଭୂମିକାରେ ରାଧାକାନ୍ତ, ବାବାଜୀ, ଆରତୀ, ସସ୍ମିତା, ସନ୍ଦୀପ, ବିଘ୍ନେଶ୍ୱର ଓ ନରେନ୍ଦ୍ର ପ୍ରମୁଖ ଅଭିନୟ କରିଥିଲେ। ସ୍ୱର ସଂଯୋଜନା କାହ୍ନୁ ପାତ୍ର କରିଥିବା ବେଳେ ଦିଗ୍‌ଦର୍ଶକ ଥିଲେ ରାଜୁ ପାଢ଼ୀ ଓ ନଳନୀଲୋଚନ ପାଣିଗ୍ରାହୀ। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାମିଲ ଚଳଚ୍ଚିତ୍ର ଅଭିନେତ୍ରୀ ଦେବସ୍ମିତା ପଟ୍ଟନାୟକ ଓ କେଳୁଚରଣ କାଳତୀର୍ଥ ଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉମେଶ ଚୌଧୁରୀ, ଆରତୀ ପାତ୍ର, କୈଳାସ ପାଣିଗ୍ରାହୀ, ସନ୍ତୋଷ ପାତ୍ର ଓ ପ୍ରତାପ ମହାପାତ୍ର ଓ ଦେବୀ ହାଲଦାର ପ୍ରମୁଖ ସହଯୋଗ କରିଥିଲେ।

DADLS-84



ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୧୩ ଜାନୁଆରୀ ୨୦୨୦

ଅପରାହ୍ନ ୩ ଘଟିକା - ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ତରଫରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଉପରେ ଏକ ଆଲୋଚନା ଚକ୍ର।

ସାଧାରଣ ସଭା

ସମୟ – ସଂଧ୍ୟା ୬ ଘଟିକା | ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସମ୍ମାନିତ ଅତିଥିଗଣ - ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ ସଂସଦୀୟ ବ୍ୟାପାର, ଜଙ୍ଗଲ ଓ ପରିବେଶ
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ
ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁ, ମାନ୍ୟବର ବିଧାୟକ
ଡଃ. ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା, ମାନ୍ୟବର ବିଧାୟକ
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ
ଶ୍ରୀମତୀ ସୂର୍ଯ୍ୟମଣୀ ବୈଦ୍ୟ, ମାନ୍ୟବର ବିଧାୟିକା
ଶ୍ରୀମତୀ ଭି. ସୁଜ୍ଞାନ କୁମାରୀ ଦେଓ, ପୂର୍ବତନ ବିଧାୟିକା
ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
ସ୍ୱାଗତ ଭାଷଣ - ଶ୍ରୀଯୁକ୍ତ ସଂଜୟ କୁମାର ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର କମିଶନର ତଥା ଶାସନ ସଚିବ
ଧନ୍ୟବାଦ ଅର୍ପଣ - ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ

ସଭା ପରେ ଗଞ୍ଜାମର ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଓ ବନଦେବୀ ନାଟ୍ୟ ସଂସଦ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗ ଦେବାକୁ ଆପଣଙ୍କୁ ସାଦର ନିମନ୍ତ୍ରଣ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0119/1920

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା
### ଛତ୍ରପୁରର ଆରିୟନ୍ ପ୍ରଥମ



**ଛତ୍ରପୁର,୧୨।୧(ଡି.ଏନ୍.ଏ.):** ବ୍ରହ୍ମପୁରର ଟାଉନ୍ ହଲରେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଛତ୍ରପୁର ଲିଟିଲ ଡାଇମଣ୍ଡ ଡ୍ୟାନ୍ସ ଷ୍ଟୁଡିଓର ୪ ବର୍ଷୀୟ ଛାତ୍ର କେ. ଆରିୟନ୍ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପଟ୍ଟନାୟକ, ନୃତ୍ୟ ନିର୍ଦ୍ଦେଶକ ଏମ୍. ରବିନ୍ଦ୍ର ରେଡ୍ଡୀଙ୍କ ନିର୍ଦ୍ଦେଶନାରେ ସେ ନୃତ୍ୟ ପରିବେଷଣ କରିଥିଲେ। ଟ୍ରଫି ପାଇବା ପରେ ଆରିୟନ୍ ନିଜ ଗୁରୁ, ନିର୍ଦ୍ଦେଶକଙ୍କ ସହ ଆସି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ଭେଟିଥିଲେ। ବିଧାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ତୋରତର କାମନା କରିଥିଲେ।

### ଆନ୍ତର୍ଜାତିକ ଚିତ୍ରକଳା ପ୍ରତିଯୋଗିତାରେ ସଫଳତା

**ଛତ୍ରପୁର,୧୨।୧(ଡି.ଏନ୍.ଏ.):** ଭୁବନେଶ୍ୱରର ଧଉଳି କଲେଜ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ୩ ଦିନ ଧରି ୩ୟ ଆନ୍ତର୍ଜାତିକ ଚିତ୍ରକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ସମ୍ଭାବନା ସ୍କୁଲ ଅଫ୍ ଇନଷ୍ଟିଚ୍ୟୁଟ୍ ଆର୍ଟ ଆଣ୍ଡ କ୍ରାଫ୍ଟର ୪ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ସିଏଚ୍. ପୁରବୀ ଶୈଳଜା, ଶ୍ରାବଣୀ ପଣ୍ଡା, ପ୍ରତୀକ ମହାରଣା , ସ୍ୱୟଂ ଶୁଭମ୍ ସାହୁ। ଗୁରୁ ତଥା ଚିତ୍ରଶିଳ୍ପୀ ରବୀନ୍ଦ୍ର ନାଥ ଦାଶଙ୍କ ନେତୃତ୍ୱରେ ଏମାନେ ପ୍ରତିଯୋଗିତାକୁ ଯାଇ କୃତିତ୍ୱ ହାସଲ କରିଛନ୍ତି।

### ଶିକ୍ଷକ ସଂଘ ବୈଠକ, ସମ୍ବର୍ଦ୍ଧନା ସଭା

**ଶେରଗଡ,୧୨।୧(ଡି.ଏନ୍.ଏ.):** ସ୍ଥାନୀୟ ଶାଉଁଳେଇ ପାଠରେ ଶେରଗଡ ବ୍ଲକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସିଆର୍‌ସିସି ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। କାଳୀଚରଣ ଚୌଧୁରୀ ଏଥିରେ ଅଧକ୍ଷତା କରିଥିଲେ। ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଭିନ୍ନ ସମାସ୍ୟା ନେଇ ଆଲୋଚନା ହୋଇଥିଲା। ସଂଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ ସୁରେନ୍ଦ୍ର ଗୌଡ, ବିଜୟ କୁମାର ଦାସ, ସୀମାଞ୍ଚଳ ପ୍ରଧାନ, ପ୍ରଫୁଲ୍ଲ କୁମାର ପ୍ରଧାନ ଓ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମୀନାରାୟଣ କର ଯୋଗ ଦେଇଥିଲେ। ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବ୍ଲକର ସମସ୍ତ ସିଆର୍‌ସିସି ଓ ଶିକ୍ଷକ ସଂଘ ମିଳିତରେ ପାଢୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ବାଲିଗୁଡା,୧୨।୧(ଡି.ଏନ୍.ଏ.)- ବାଲିଗୁଡା ଉପଜିଲାପାଳଙ୍କ କକ୍ଷରେ ଉପଜିଲାପାଳ ରାଜେନ୍ଦ୍ର ରଣଜିତ୍‌ଙ୍କ ଅଧକ୍ଷତାରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୪.୩୦ ମିନିଟ୍‌ରେ ରାମଧୁନ, ୭.୩୦ରେ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ, ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ସ୍ଥିର କରାଯାଇଛି। ପୂର୍ବାହ୍ନ ସାଢେ ୮ଟାରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ହେବ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଯୋଗଦେଇ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ସମ୍ମିଳିତ ପରେଡରେ ୩୪ଟି ଦଳ ଅଂଶଗ୍ରହଣ କରିବେ। ପରେଡ ପରେପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାମୂହିକ ଶାରୀରିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ବୈଠକରେ ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଶଦା ଗାଦବା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦିବ୍ୟାଙ୍ଗଙ୍କ ଆଧାରକାର୍ଡ଼ ନାହିଁ, ଚାଉଳ ମନା

**ଭଞ୍ଜନଗର,୧୨।୧(ଡି.ଏନ୍.ଏ.)**

ସମସ୍ତ ଗରିବଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ। କିନ୍ତୁ କେତକ କ୍ଷେତ୍ରରେ ନିୟମରେ ତ୍ରୁଟି ଏବଂ ତଳିଆ କର୍ମଚାରୀଙ୍କ ଅସହଯୋଗ ମନୋଭାବ ଯୋଗୁ ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଞ୍ଜନଗର ବ୍ଲକ ଅଞ୍ଚଳରେ। ଲାଲସିଂର ଦିବ୍ୟାଙ୍ଗ ଉଦୟ ନାୟକ (୫୯) ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପାଖରେ ଆଧାର କାର୍ଡ଼ ନ ଥିବା ଯୋଗୁ ଆଜକୁ ୩ ମାସ ହେବ ଉଦୟଙ୍କୁ ସରକାରୀ ଚାଉଳ କିମ୍ବା ଭତ୍ତା ମିଳୁନାହିଁ। ଫଳରେ ଦୟନୀୟ



ଦିବ୍ୟାଙ୍ଗ ଉଦୟ ନାୟକ।

**ପାପୁଲି ଅଚଳ ଯୋଗୁ ଫିଙ୍ଗର ପ୍ରିଣ୍ଟ ନେଉନି ମେଶିନ**

ଅବସ୍ଥାରେ ଉଦୟ ଜୀବନ ବିତାଉଛନ୍ତି। ଭଞ୍ଜନଗର କଲେଜ ରୋଡ଼ରେ ରହୁଥିବା ଉଦୟଙ୍କ ସହ ଏନେଇ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପିଲାଦିନେ ଗଛରୁ ପଡ଼ି ୨ହାତ ପାପୁଲି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। କାମ କରିବାକୁ କଷ୍ଟ ହେଉଛି। ଦିବ୍ୟାଙ୍ଗ ପ୍ରମାଣପତ୍ର ଠିକ୍ ଭାବେ ମୋତେ ପ୍ରଦାନ କରାଯାଇନାହିଁ। କମ୍ ପ୍ରତିଶତ ଦିବ୍ୟାଙ୍ଗ ବୋଲି ଦର୍ଶାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ଥିବା ଲୋକେ ଚଞ୍ଚକତା କରି ଦିବ୍ୟାଙ୍ଗ ପ୍ରମାଣପତ୍ର ହାତେଇ ପାରୁଛନ୍ତି। ଅଥଚ ମୋତେ କମ୍ ପ୍ରତିଶତ ଦିବ୍ୟାଙ୍ଗ ବୋଲି ପ୍ରମାଣପତ୍ର ଦିଆଯାଇଛି। କିଛିବର୍ଷ ପୂର୍ବେ ଆଧାର କାର୍ଡ଼ କରିଥିଲି। କିନ୍ତୁ ହାତ ପାପୁଲି ଠିକ୍ ନଥିବା ଯୋଗୁ ଫିଙ୍ଗର ପ୍ରିଣ୍ଟ କମ୍ପ୍ୟୁଟର ନେଉନାହିଁ। ତେଣୁ ମୋର ଆଧାରକାର୍ଡ଼ ହୋଇ ପାରୁନାହିଁ। କିଛିମାସ ପୂର୍ବେ ରାଶନ ପାଇଁ ଆଧାର କାର୍ଡ଼ ବାଧ୍ୟତାମୂଳକ କରିଛନ୍ତି ସରକାର। ମୁଁ ଦେଇ ନ ପାରିବାରୁ ୩ ମାସ ହେବ ଚାଉଳ ଦିଆଯାଉନାହିଁ। ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିକଳ୍ପ ବ୍ୟବସ୍ଥା କରିବାକୁ ଉଦୟ ନିବେଦନ କରିଥିଲେ।

ଏନେଇ ଭଞ୍ଜନଗର ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଯେଉଁମାନେ ଆଧାର କାର୍ଡ଼ ଦେଉନାହାନ୍ତି ସେମାନଙ୍କ ନାମ ଆପେ ଆପେ କଟିଯାଉଛି। ଯଦି କୌଣସି ପ୍ରକୃତ ହିତାଧିକାରୀ ଏଭଳି ସମସ୍ୟା ଯୋଗୁ ସରକାରୀ ସୁବିଧା ପାଇବାରେ ବଞ୍ଚିତ ହେଉଛନ୍ତି ତେବେ ଏନେଇ କିଛି ପଦକ୍ଷେପ ନିଆଯିବ।

## ବୁଦ୍ଧଖୋଲ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
# ଇକୋ ପାର୍କର ଶିଳାନ୍ୟାସ କଲେ ମନ୍ତ୍ରୀ

**ବୁଗୁଡ଼ା,୧୨।୧(ଡି.ଏନ.ଏ.)**

ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲ ମହୋତ୍ସବ ପଡ଼ିଆରେ ଶନିବାର ବୁଦ୍ଧଖୋଲ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ଜନସାଧାରଣଙ୍କ ବହୁଦିନର ପ୍ରତୀକ୍ଷିତ ଇକୋ ପାର୍କର ଶିଳାନ୍ୟାସ କରିଥିଲେ। ମହୋତ୍ସବର ସଭାପତି ତଥା ବିଧାୟକ ଶ୍ରୀକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ବୁଦ୍ଧଖୋଲ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ସହ ଏହାକୁ ଭାରତ ମାନଚିତ୍ରରେ ଉପଯୁକ୍ତ ସ୍ଥାନ ଦେବା ପାଇଁ ବୁଦ୍ଧଖୋଲ ନିକଟରେ ଥିବା ୯ ହେକ୍ଟର ଜମିରେ ୨.୫୮ କୋଟି ଟଙ୍କା ବ୍ୟୟରେ ଇକୋ ପାର୍କ ପ୍ରତିଷ୍ଠା କରାଯିବ ବୋଲି କରତାଳି ମାଧ୍ୟମରେ ଘୋଷଣା କରିଥିଲେ। ଫଳରେ ଏଠାରେ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗିଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଥିଲେ। ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା, ଏସିଏଫ୍ ଶଙ୍କର୍ଷଣ ବେହେରା ଓ ପ୍ରଭାକର ନାୟକ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, ବିଡିଓ ତନ୍ମୟ ପାତ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ଲୋକନୃତ୍ୟ, ସୋଲ ସଙ୍ଗୀତ, ନୃତ୍ୟ ଏକାଡ଼େମୀ ଫୁଲବାଣୀ, ବ୍ରହ୍ମପୁର ବାଲ ବିକାଶ କେନ୍ଦ୍ର ଓ ଓଡ଼ିଶା ସରକାର ସାଂସ୍କୃତିକ ବିଭାଗର ବିଭିନ୍ନ ଓଡ଼ିଶୀ ଓ ସମ୍ବଲପୁରମ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରସିଦ୍ଧ କଣ୍ଠଶିଳ୍ପୀ ସ୍ୱୟମ ଓ ସଭ୍ୟା ସଙ୍ଗୀତ ପରିବେଷଣ କରିଥିଲେ। ଲୋକେ ମୀନା ବଜାର ଓ ପଲ୍ଲୀଶ୍ରୀ ମେଳାରେ ଆନନ୍ଦ ଉଠାଇଥିଲେ।

# କନ୍ଧମାଳ ଏମ୍‌ପିଙ୍କ ଦ୍ୱାରା ଖେଳ ସାମଗ୍ରୀ ବର୍ଣ୍ଟନ



ଖେଳ ସାମଗ୍ରୀ ବଣ୍ଟାଯାଉଛି।

**ଖଜୁରିପଡ଼ା(ଡି.ଏନ୍.ଏ.)/ ବଲସକୁମ୍ପା, ୧୨।୧**

ଫୁଲବାଣୀ ଗାନ୍ଧୀ ସ୍ମୃତି ସଭାଗୃହରେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଜିଲାସ୍ତରୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଜିଲାର ସମସ୍ତ ଯୁବକ ସଂଘ ଏକ ହୁଅ ଏବଂ ଜିଲାର ବିକାଶ କର। ଯୁବତୀଯୁବକମାନେ ସମାଜ ସେବାରେ ନିୟୋଜିତ ହେବା ଭଲ ପଦକ୍ଷେପ। ଏଥିସହ ନିଜେ ରୋଜଗାରକ୍ଷମ ହେଲେ ଜିଲାର ଦାରିଦ୍ର୍ୟ ହ୍ରାସ ପାଇବ ଏବଂ ଜିଲାର ବିକାଶ ହେବ ବୋଲି ଅଭିଭାଷଣ ମାଧ୍ୟମରେ ଯୁବତୀ ଯୁବକମାନଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ମା’ ଇଷ୍ଟ ଦେବୀ ଯୁବ କଳା ପରିଷଦକୁ ଉପସ୍ଥିତ ଥିବା ଅତିଥି ଏବଂ ମୁଖ୍ୟଅତିଥି ଡ. ସାମନ୍ତଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ଖେଳ ସାମଗ୍ରୀ ପ୍ରଦାନ କରାଯାଇଥିଲା।

## ୧୨୦୬ ଛାତ୍ରୀଛାତ୍ର ଦେଲେ ନବୋଦୟ ପରୀକ୍ଷା

**ଆର.ଉଦୟଗିର,୧୨।୧(ଡି.ଏନ.ଏ.)**

ଆର.ଉଦୟଗିରି ହାଇସ୍କୁଲ ଓ ଛେଲିଗଡ ହାଇସ୍କୁଲ , ନୂଆଗଡ ବ୍ଲକର ନରସିଂହ ନାଥ ବିଦ୍ୟାପୀଠ ଓ ବଡପଦା ହାଇସ୍କୁଲରେ ଗଜପତି ଜବାହର ନବୋଦୟ ବିଦ୍ୟାଳୟ ସମିତି ପକ୍ଷରୁ ଶନିବାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୪ କେନ୍ଦ୍ରରେ ୧୨୦୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ନରସିଂହ ନାଥ ସ୍କୁଲରେ ୩୪୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୮୫ ଜଣ ପରୀକ୍ଷା ଦେଇଥିବା ବେଳେ ୫୫ ଅନୁପସ୍ଥିତ ଥିଲେ। ବଡପଦା ହାଇସ୍କୁଲ ୩୪୦ ମଧ୍ୟରୁ ୨୮୭ ଜଣ ପରୀକ୍ଷା ଦେଇଥିବା ବେଳେ ୫୩ ଅନୁପସ୍ଥିତ ଥିଲେ। ଆର.ଉଦୟଗିରି ହାଇସ୍କୁଲ ୪୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୨୬ ପରୀକ୍ଷା ଦେଇଥିବା ବେଳେ ୭୪ ଜଣ ଅନୁପସ୍ଥିତ ଥିଲେ। ଛେଲିଗଡ ହାଇସ୍କୁଲ ୩୮୪ ମଧ୍ୟରୁ ୩୦୮ ଜଣ ପରୀକ୍ଷା ଦେଇଥିଲେ।

## ଗୁରୁ ଛାତ୍ର କଲ୍ୟାଣ ପାଣ୍ଠିରୁ ଶିକ୍ଷକଙ୍କୁ ସହାୟତା

**କନିଷି,୧୨।୧(ଡି.ଏନ.ଏ.)**

ଗୁରୁ ଛାତ୍ର କଲ୍ୟାଣ ପାଣ୍ଠିରୁ ରଙ୍ଗେଇଲୁଣ୍ଡା ବ୍ଲକର ସାନବିଶ୍ୱନାଥପୁର ପ୍ରାଥମିକ ବିଦ୍ୟାଳୟ ସରକାରୀ ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ପ୍ରାଥମିକ ବିଦ୍ୟାଳୟ ଗାରମାପେଟା ସହକାରୀ ଶିକ୍ଷକ ବାବୁରାମ ବେହେରାଙ୍କୁ ୫ ହଜାର ଟଙ୍କା ଦିଆଯାଯାଇଛି। ଉପରୋକ୍ତ ଶିକ୍ଷକମାନେ ଅସୁସ୍ଥତା ଥିବା ନେଇ ପ୍ରଧାନ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ଜଣାଇବା ପରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ବିଚାର କରି ଜିଲା ଶିକ୍ଷାଧିକାରୀ ସହାୟତା କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଡ. ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀ, ପ୍ରଶାନ୍ତ କୁମାର ରଥ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଘରେ ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ଏ ନେଇ ଶିକ୍ଷକ ସଂଘ ଗଞ୍ଜାମ ଜିଲା ଶିକ୍ଷାଧିକରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

# ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ ସମ୍ପର୍କିତ ଆଲୋଚନାଚକ୍ର

**ଫୁଲବାଣୀ ଅଫିସ,୧୨।୧**

ଫୁଲବାଣୀସ୍ଥିତ ସ୍ୱାତୀ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏର ମିଳିତ ସହଯୋଗରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ପୋଷଣ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଜିଲାର ଅପହଞ୍ଚ ଇଲାକା କୁହାଯାଉଥିବା ଫିରିଙ୍ଗିଆ ବ୍ଲକ୍‌ର ବାଲନ୍ଦାପଡ଼ା ଅଞ୍ଚଳର ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। କ୍ରାଏ ଅନୁଷ୍ଠାନର ଅସିମ୍ ଘୋଷ ଓ ଆନନ୍ଦିତା ମୁଖାର୍ଜୀ ସ୍ୱାତୀ ଅନୁଷ୍ଠାନ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ପୋଷଣ ଓ ସ୍ୱାସ୍ଥ୍ୟ ସମ୍ବନ୍ଧିତ କାର୍ଯ୍ୟକ୍ରମର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ପାହାଡ଼, ଜଙ୍ଗଲଘେରା ଅଞ୍ଚଳଗୁଡ଼ିକରେ ହେଉଥିବା ଘରୋଇ ପ୍ରସବ, କିଶୋରୀ କିଶୋରମାନଙ୍କ ରକ୍ତହୀନତା, ୦-୫ ବର୍ଷର ଶିଶୁଙ୍କ ମଧ୍ୟରେ ଦେଖାଦେଉଥିବା କୁପୋଷଣର ହାର, ଗର୍ଭବତୀମାନଙ୍କ ମଧ୍ୟରେ ଥିବା ରକ୍ତହୀନତାକୁ କିପରି ଦୂର କରାଯାଇପାରିବ ସେ ନେଇ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତଥ୍ୟ ସଂଗ୍ରହ କରାଯାଇଥିବା ଅଞ୍ଚଳରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ କିଶୋରୀ ଓ ୫ ପ୍ରତିଶତ ଗର୍ଭବତୀ ମା’ ରକ୍ତହୀନତାର ଶିକାର ଥିବା ଜଣାପଡ଼ିଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମର ସମସ୍ତ ଯୋଜନା ହିତାଧିକାରୀମାନଙ୍କ ନିକଟରେ ପହଞ୍ଚି ପାରିଲେ ଏହି ସମସ୍ୟା ବହୁ ପରିମାଣରେ ହ୍ରାସ ହୋଇପାରିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ବାଲନ୍ଦାପଡ଼ା ଅଞ୍ଚଳରେ ଜଳସଂକଟ ଦେଖାଦେବାର ସମ୍ଭାବନା ଥିବାରୁ ଏଥିପାଇଁ ଜଳ ଉତ୍ସ ନିର୍ମାଣ ନିମନ୍ତେ ମଧ୍ୟ ଆଲୋଚନା କରାଯାଇଥିଲା। ସ୍ୱାତୀର ସମ୍ପାଦକ ଇଂ. ହରିଶଙ୍କର ରାଉତ ମଧ୍ୟ ତାଙ୍କ ମତ ରଖିଥିଲେ। ସ୍ୱାତୀ ଅନୁଷ୍ଠାନର ବିଶ୍ୱରଞ୍ଜନ କର, ପ୍ରଦୀପ କୁମାର ସ୍ୱାଇଁ, ବୈଦ୍ୟନାଥ ଖଟୁଆ ଓ ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଫିରିଙ୍ଗିଆ ବ୍ଲକ ବିଜେଡିର ବୈଠକ

**ଫିରିଙ୍ଗିଆ, ୧୨।୧**

ଫିରିଙ୍ଗିଆ ବ୍ଲକ ବିଜେଡର ଏକ ବୈଠକ ଟଣ୍ଡ୍ରିଗାଁରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ଜିଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ଜିଲା ପରିଷଦ ଉପାଧ୍ୟକ୍ଷା ସାରତି ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ବିଷ୍ଣୁ ଚରଣ ମଲ୍ଲିକ, ବ୍ଲକ ଉପ ସଭାପତି ପ୍ରଦୀପ କୁମାର ବେହେରା ପ୍ରମୁଖ ଏଥିରେ ଉପସ୍ଥିତ ରହି ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ କିଭଳି ମଜଭୁତ କରାଯାଇ ପାରିବ ସେ ବିଷୟରେ ଆଲେଚନା ହୋଇଥିଲା। ଅନ୍ୟପଟେ ଜିଲାସ୍ତରରେ ବ୍ଲକର ନେତା ଓ କର୍ମୀମାନଙ୍କୁ ଅଣଦେଖା



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

କରାଯାଉଥିବାରୁ ବୈଠକରେ ଉପସ୍ଥିତ କେତେଜଣ ଦୁଃଖ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏପରି ହେଲେ ଜିଲାରେ ହେଉଥିବା ଦଳୀୟ ବୈଠକକୁ ବର୍ଜନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିମିରିଗୁଡା ସରପଞ୍ଚ ପ୍ରଦୀପ କୁମାର କହଁର, ରତଙ୍ଗ ସରପଞ୍ଚ କୁଞ୍ଜବନ ମଲ୍ଲିକ, ପୂର୍ବତନ ସରପଞ୍ଚ ରଜନୀକାନ୍ତ ମଲ୍ଲିକ, ଫିରିଙ୍ଗିଆ ସମିତିସଭ୍ୟ ପ୍ରତାପ ଚନ୍ଦ୍ର ସାହୁ, ରତଙ୍ଗ ସମିତି ସଭ୍ୟ ପ୍ରକାଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରାଜକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କବିସମ୍ରାଟ ସାହିତ୍ୟ ସଂସଦର ବାର୍ଷିକୋତ୍ସବ



ସମ୍ବର୍ଦ୍ଧିତ କରାଯାଉଛି।

**ଭଞ୍ଜନଗର,୧୨।୧(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ନିୟନ୍ତ୍ରୀତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ମୋହ ଛାଡ଼ି ନିରପେକ୍ଷ ଲେଖନୀର ଆବଶ୍ୟକତା ରହିଛି ବୋଲି ଓଡ଼ିଆ ସାହିତ୍ୟ ଓ ସମାଜ ଉପରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ କହିଥିଲେ। ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ଆଇଏଏସ୍ ଡ଼. ଯୁଗଳ କିଶୋର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ହୁସେନ ରବି ଗାନ୍ଧୀ ମୁଖ୍ୟବକ୍ତା, ଡ଼.କୃଷ୍ଣ କେଶବ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. କମ୍ବୁପାଣି ସାମନ୍ତ, ଓଡ଼ିଶା ସଙ୍ଗୀତ ଏକାଡ଼େମୀର ପୂର୍ବତନ ସମ୍ପାଦକ ମନ୍ମଥ କୁମାର ଶତପଥୀ, ଗୌରୀ ଶଙ୍କର କର, ଡ଼.ସନ୍ତୋଷ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ଼.ସୁରେଶ ଚନ୍ଦ୍ର ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ଶିକ୍ଷାବିତ୍ ଅମରନାଥ ରଥ ମୁଖ୍ୟ ଅତିଥି, ଡ଼.ଉଷା ପାଢ଼ୀ, ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଡ଼.ଅଶୋକ କୁମାର ଷଡଙ୍ଗୀ, ଗୋକୁଳ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର ନାଥ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ‘ବୈଜୟନ୍ତୀ’ ଉନ୍ମୋଚିତ ହୋଇଥିଲା। ତ୍ରିନାଥ ବେହେରା, ଗୁରୁମୂର୍ତ୍ତି ନାୟକ, ସୁଜତା ସିଂ ପ୍ରମୁଖ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ଏହି ଅବସରରେ ଡ଼. କମ୍ବୁପାଣି ସାମନ୍ତ, ହୁସେନ ରବି ଗାନ୍ଧୀ, ଯୁଗଳ କିଶୋର ଶତପଥୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ

**ଛତ୍ରପୁର,୧୨।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଶ୍ରୀସତ୍ୟ ସାଇ ସେବା ଅନୁଷ୍ଠାନ ପକ୍ଷରୁ ରବିବାର ଛତ୍ରପୁରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକତା ପାଇଁ ଆୟୋଜିତ ଗଣଦୌଡ଼ ଜିଲାପାଳଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ମାନବିକ ମୂଲ୍ୟବୋଧକୁ ସର୍ବଦା ସମ୍ମାନ ଦେବାକୁ ସେଠାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରେ ସାଇ ବାବାଙ୍କ ଏକ ରଥ ପରିକ୍ରମା କରିଥିଲା । ଜିଲାର ୫ଟି ସମିତିର ୧୫୦ ଯୁବତୀ ଯୁବକ ଏଥିରେ ସାମିଲ ଥିଲେ । ସେହିପରି ଛତ୍ରପୁରର ସ୍ୱାମୀ ବିବେକାନନ୍ଦ ଯୁବ ସମାଜ ପକ୍ଷରୁ ବିବେକାନନ୍ଦଙ୍କ ଜୟନ୍ତୀ ଅନୁଷ୍ଠାନର ସମ୍ପାଦକ ସୁଧୀର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଅତିଥି, ଅନସ୍ଲୋ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବାଉରୀବନ୍ଧୁ ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ରାମକୃଷ୍ଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

**ସୋରଡ଼ା:**ବିବେକାନନ୍ଦ ଯୁବ ପରିଷଦ ପକ୍ଷରୁ ସଭାପତି ଲକ୍ଷ୍ମୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଡିପଲ ପବ୍ଲିକ ବିଦ୍ୟାଳୟ ପରିସରରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପରେ ଶିଶୁମାନେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ।

**ବୁଗୁଡ଼ା:**ବୁଗୁଡ଼ା ବ୍ଲକ ଟାକରଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ ସଭାପତିତ୍ୱ କରିଥିଲେ। ସେହିପରି ଧିଶକ୍ତି ଅନୁଶିକ୍ଷାକେନ୍ଦ୍ରରେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମଧ୍ୟ ଏହି ଜୟନ୍ତୀ ପାଳିତ ହୋଇଥିଲା ।

**ଧରାକୋଟ:** ଧରାକୋଟ ସତ୍ୟସାଇ ସେବା ଗ୍ରୁପ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ସ୍ଥାନୀୟ ଥାନାରୁ ବ୍ଲକ ପର୍ଯ୍ୟନ୍ତ ଏକ ଗଣଦୌଡ଼ ହୋଇଯାଇଛି। ଥାନାଧିକାରୀ ସହଦେବ ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡ. ଏମଭିକେ ଅଶୋକ ମଶାଲକୁ ସତ୍ୟସାଇ ସେବା ଗ୍ରୁପର ବରିଷ୍ଠ କର୍ମକର୍ତ୍ତା ଗୋପାଳ କୃଷ୍ଣ ଜେନାଙ୍କୁ ଅର୍ପଣ କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ବିଭୁଧ ଗଡ଼ନାୟକ ମଶାଲ ଗ୍ରହଣ କରି ମାରାଥନକୁ ସ୍ୱାଗତ କରିଥିଲେ।

**ଶେରଗଡ:** ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ପକ୍ଷରୁ ସ୍ଥାନୀୟ ନୂତନ କଳିଙ୍ଗ ବୈଶ୍ୟ ଭବନ ପରିସରରେ ବିବେକାନନ୍ଦ ଜୟନ୍ତୀ ତଥା ଯୁବ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ ଯୋଗଦେଇ ବିବେକାନନ୍ଦ ଓ ଭାରତ ମାତାଙ୍କ ଫଟୋ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ଭାରୋତ୍ତୋଳନରେ ଜାତୀୟ ସ୍ତରରେ ଖେଳୁଥିବା ଯୁବ ପ୍ରତିଭା ଦେବାଶିଷ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ିଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶିବ ସେଠୀଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରପର୍ସନ ମାଥିଆସ ଦିଗାଳ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ କହିଥିଲେ। ବିଦ୍ୟାଳୟରେ ଗଠନ କରାଯାଇଥିବା ଚକରା ବିଷୋୟୀ ୟୁଥ୍ କ୍ଲବ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତା ସହ ଡାକ ଟିକେଟ ସଂଗ୍ରହ, କବିତା ଲିଖନୀ ଏବଂ କଳାକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**ଜି.ଉଦୟଗିରି:** ଜି.ଉଦୟଗିରିସ୍ଥିତ ସ୍ୱାମୀ ବିବେକାନନ୍ଦ କେନ୍ଦ୍ର ପକ୍ଷରୁ ରବିବାର ଟାଉନ ହଲଠାରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏସ୍‌ଡିପିଓ ଜୟକୃଷ୍ଣ ବେହେରା ମୁଖ୍ୟଅତିଥି ଭାବେ, ସମନ୍ୱିତ ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ନନ୍ଦ ମୁଖ୍ୟବକ୍ତା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜିବ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।



ଜି. ଉଦୟଗିରି ଟାଉନ ହଲ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

